# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



ଏକ ଧର୍ମଯାଜକ

ଯୀଶୁଙ୍କୁ ଭେଟିବାକୁ

ଆସିଲେ

ଲେଖକ: Edward Hughes
ଦୃଷ୍ଟାନ୍ତ: Byron Unger; Lazarus
ଉପଯୋଜକ: M. Maillot; Sarah S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯେତେବଳେ ଯୀଶୁ ମନ୍ଦିରକୁ ଗଲେ, ସେ ଲୋକମାନଙ୍କୁ ପରମେଶ୍ୱରଙ୍କ ଗୃହକୁ ଅଶୁଚି଼ କରୁଥିବାର ଦେଖିଲେ, ସେମାନେ ମନ୍ଦିର ଭିତରେ ପଶୁପକ୍ଷି କ୍ରୟ ବିକ୍ରୟ ଓ ମୁଦ୍ରା ବ୍ୟବସାୟ କରୁଥିଲେ ।



ସେ ସମାନଙ୍କୁ ନିୟମକୁ ମନେ କରାଇଲେ, ଯୀଶୁ ସେହି ବେପାରିମାନଙ୍କୁ ମନ୍ଦିରରୁ ବାହାରକୁ ତଡ଼ିଦେଲେ । ଏହି ସମସ୍ତ ବାହାରକୁ ନେଇଯାଅ, ସେ ଆଜ୍ଞା ଦେଲେ । ମୋହର ପିତାଙ୍କ ଗୃହକୁ ବ୍ୟାବସାୟ ସ୍ଥଳୀ କରନାହିଁ । ଯୀଶୁ ତାଙ୍କ ପିତାଙ୍କ ଗୃହକୁ ଆଦର କରୁଥିଲେ ।





ଧର୍ମଗୁରୁମାନେ ପଚାରିଲେ
ଯେଉଁ ଅଧିକାରରେ ତୁମେ
ମନ୍ଦିରକୁ ପରିଷ୍କାର କରୁଅଛ
ତାହାର ପ୍ରମାଣାର୍ଥେ ଏକ ଚିହ୍ନ
ଦେଖାଅ ବୋଲି ଦାବୀ କଲେ ।
ଏହି ମନ୍ଦିରକୁ ନାସ କର ଓ ମୁ
ଏହାକୁ ତୃତୀୟ ଦୀନରେ
ଉତ୍‌ଥାନ କରିବି, ଯୀଶୁ
କହିଲେ । ଅସମ୍ଭବ, ସେହି
ମନ୍ଦିର ଗଢ଼ିବାକୁ ପ୍ରାୟ
ଛୟାଳିଶ ବର୍ଷ ଲାଗିଥିଲା ।

କିନ୍ତୁ ଯୀଶୁ ନିଜ ଶରିର ବିଷୟରେ ଏହା କହିଥିଲେ । ମନ୍ଦୀର ପରି, ତାଙ୍କର ଶରୀର ପରମେଶ୍ୱରଙ୍କ ବାସସ୍ଥାନ, ଯଦିବା ଯୀଶୁ ଯେ କୃଶରେ ହତ ହେବେ ଓ ତୃତୀୟ ଦୀନରେ ପରମେଶ୍ୱର ତାଙ୍କୁ ମୃତୁରୁ ଉଠାଇବେ ଏହା ସେ ଜାଣିଥିଲେ ।





ରାତ୍ର ସମୟରେ, ଜଣେ ଧର୍ମଯାଜକ ଯୀଶୁଙ୍କୁ ଭେଟିବାକୁ ଆସିଲେ । ସେ ଯେ ପରମେଶ୍ୱରଙ୍କଠାରୁ ପ୍ରେରିତ ଏହା ସେ ତାଙ୍କ ଆଶ୍ଚର୍ଯ୍ୟ କର୍ମରୁ ଜାଣିଥିଲେ । ନିକଦୀମ ପରମେଶ୍ୱରଙ୍କ ବିଷୟରେ ଅଧିକ ଜାଣିବା ନିମନ୍ତେ ଯୀଶୁଙ୍କ ନିକଟକୁ ଆସିଲେ ।



ଯୀଶୁ ନିକଦୀମଙ୍କୁ କହିଲେ ଯଦି
କେହି ପୁନର୍ବାର ଜନ୍ମ ନହେଲେ
କେହି ପରମେଶ୍ୱରଙ୍କ ରାଜ୍ୟକୁ
ଯାଇ ପାରେନାହିଁ । ନିକଦୀମ
କିଛି ବୁଝି ପାରିଲେ ନାହିଁ ।
କିପରି ଭାବରେ ଜଣେ
ବୃଦ୍ଧାଲୋକ ପୁଣିଥରେ ଛୋଟ
ପିଲା ହୋଇପାରେ, ସେ ମଧ୍ୟ
ଏକ ଧର୍ମାବଲମ୍ବୀ ଥିଲେ । ତାହା
କଣ ଯଥେଷ୍ଟ ନଥିଲା ।



ଯାହା ଆତ୍ମାରୁ ଜାତ ତାହା
ଆତ୍ମା ଅଟେ, ଯୀଶୁ ତାଙ୍କୁ
ବୁଝାଇଲେ । ପରମେଶ୍ୱରଙ୍କ
ଆତ୍ମା ବାୟୁ ପରି ଅଟଇ ।
ଲୋକେ ତାହା ଦେଖନ୍ତି ନାହିଁ
କିମ୍ବା ବୁଝିପାରନ୍ତି ନାହିଁ ।
ସେମାନେ କେବଳ ବାୟୁ ଯାହା
କରେ ତାହା ଦେଖନ୍ତି ।



ଯୀଶୁ ନିକଦୀମଙ୍କୁ ସେହି ଇସ୍ରାଏଲ୍ ସନ୍ତାନ ମାନଙ୍କ ବିଷୟରେ କହିଲେ
ଯେଉଁମାନେ କି ଅନେକ ବର୍ଷ ଆଗରେ ମୋଶାଙ୍କୁ ଅଭିଯୋଗ କଲେ ।
ସେମାନେ କହିଲେ ଆମ୍ଭମାନଙ୍କ ପାଖରେ ଖାଦ୍ୟ ନାହିଁ, ପାଣି ନାହିଁ,
ଏବଂ ଆମ୍ଭେ ପରମେଶ୍ୱରଙ୍କ ଦତ୍ତ ଖାଦ୍ୟକୁ ଘୃଣା କରୁ ।

ଲୋକମାନଙ୍କର ଏହି ପାପହେତୁ ପରମେଶ୍ୱର କ୍ରୋଧକଲେ । ସେ ଅଗ୍ନିସମ ସର୍ପ ସେମାନଙ୍କ ମଧ୍ୟକୁ ପ୍ରେରଣ କଲେ । ଅନେକଙ୍କୁ ସର୍ପ କାମୁଡ଼ିଲେ । ସର୍ପ କାମୁଡ଼ାରେ ଅନେକେ ପ୍ରାଣ ହରାଇଲେ ।



ଆମ୍ଭେମାନେ ପାପ କରିଅଛୁ । ପ୍ରାର୍ଥନା କର ଯେପରି
ପରମେଶ୍ୱର ଏହି ସର୍ପମାନଙ୍କୁ ଉଠାଇନେବେ,
ଲୋକମାନେ ଅନୁରୋଧ କଲେ । ତେଣୁ ମୋଶା
ସେମାନଙ୍କ ନିମନ୍ତେ ପ୍ରାର୍ଥନା କଲେ । କିନ୍ତୁ
ପରମେଶ୍ୱର ସର୍ପମାନଙ୍କୁ ନେଲେ ନାହିଁ ।



ପରମେଶ୍ୱର ମୋଶାଙ୍କୁ କହିଲେ ଅଗ୍ନିସମ ସର୍ପ ନିର୍ମାଣକରି ତାହା ଏକ କାଠରେ ସଜାଇ ଉପରକୁ ଉଠାଅ । ଯେ ସମସ୍ତେ ସର୍ପାଘାତ ହୋଇଛନ୍ତି ଯଦି କେହି ସେହି ଉପରକୁ ଉଠିଥିବା ସର୍ପକୁ ଦେଖିବେ ତେବେ ବଂଞ୍ଚି ପାରିବେ, ପରମେଶ୍ୱର ପ୍ରତିଜ୍ଞା କଲେ । ମୋଶା ପିତଳରେ ଏକ ସର୍ପ ନିର୍ମାଣ କଲେ ଯେଉଁମାନେ ତାହା ଦେଖିଲେ ସେ ସମସ୍ତେ ସୁସ୍ଥତା ପାଇଲେ ।




ଯୀଶୁ ନିକଦୀମଙ୍କୁ କହିଲେ, ମନୁଷ୍ୟ ପୁତ୍ର ମଧ୍ୟ
ନିଶ୍ଚିତ ଭାବରେ ସେହି ପିତଳ ସର୍ପ ପରି
ଉପରକୁ ଉଠାଯିବେ । ଯୀଶୁ ସେହି କୃଶ
ବିଷୟରେ କହୁଥିଲେ ଯେଉଁଠାରେ
ସେ ପାପିମାନଙ୍କ ନିମନ୍ତେ
ମରିବାକୁ ଯାଉଛନ୍ତି ।



ଯୀଶୁ କହିଲେ, ଈଶ୍ୱର ଜଗତକୁ ଏତେ ପ୍ରେମ
କଲେ ଯେ ସେ ତାଙ୍କ ଅଦ୍ୱୀତୀୟ ପୁତ୍ରଙ୍କୁ
ଦାନ କଲେ, ଯେପରି ଯେ କେହି
ତାହାଙ୍କଠାରେ ବିଶ୍ୱାସ କରେ ସେ
ବିନଷ୍ଟ ନ ହୋଇ ଅନନ୍ତ
ଜୀବନ ପ୍ରାପ୍ତ ହୁଏ ।



ଏହାର ଅର୍ଥ ଯେ କହି ଯୀଶୁଙ୍କଠାରେ
ବିଶ୍ୱାସ କରେ ସେ ଈଶ୍ୱରଙ୍କ
ପରିବାରରେ ଜନ୍ମ
ଗ୍ରହଣ କରିଅଛି ।

ହୋଇପାରେ ସେହି ରାତ୍ରିରେ ନିକଦୀମ ଯୀଶୁଙ୍କର ଶିଶ୍ୟ ହେଲେ ନାହିଁ,  କିନ୍ତୁ କେତେବର୍ଷ ପରେ, ନିକଦୀମ କୃଶରେ ହତ ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କ ଶରୀରକୁ ସମାଧି କରିବାରେ ସହାଯ୍ୟ କରି ପ୍ରମାଣିତ କଲେ ଯେ ସେ ଯୀଶୁଙ୍କୁ ବିଶ୍ୱାସ ଓ ପ୍ରେମ କରୁଥିଲେ ।



ଏହାପରେ, ଯୀଶୁ ଓ ତାଙ୍କର ଶିଶ୍ୟମାନେ ଉତ୍ତର ଆଡ଼କୁ ଯାତ୍ରା କଲେ । ଅନ୍ୟ ଲୋକମାନେ ମଧ୍ୟ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଶୁଣିବା ଓ ନାଜରୀତୀୟ ଯୀଶୁ, ଈଶ୍ୱରଙ୍କ ପୁତ୍ରଙ୍କ ଉପରେ ବିଶ୍ୱାସ କରିବାର ସୁଯୋଗ ପାଇବା ଆବଶ୍ୟକ ।



ଏକ ଧର୍ମଯାଜକ ଯୀଶୁଙ୍କୁ ଭେଟିବାକୁ ଆସିଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୨-୩, ଗଣନାପୁସ୍ତକ ୨୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଷ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬